ପଞ୍ଚାମୁଣ୍ଡାଇ ମହାବିଦ୍ୟାଳୟ, ପଞ୍ଚାମୁଣ୍ଡାଇ, କେନ୍ଦ୍ରାପଡ଼ା

# ଓଡ଼ିଆ ଭାଷା ସାହିତ୍ୟ ବିଭାଗ

# ପାଠଚକ୍ର

## ବିଷୟ : -

## "ଓଡ଼ିଆ କୋଇଲି ସାହିତ୍ୟ"

ଆଲୋଚକ - ଅଧ୍ୟାପକ ଅଶୋକ କୁମାର ଦାଶ



ତା - ୧୦.୧୧.୨୦୧୭ ରିଖ

ଶୁକ୍ରବାର

# ବିବରଣୀ

ଅଦ୍ୟ ତା ୧୦.୧୧.୨୦୧୭ ରିଖ ଶୁକ୍ରବାର ପୂର୍ବାହ୍ନ ୧୦ ଘଟିକା ସମୟରେ ଓଡିଆ ଭାଷା ସାହିତ୍ୟ ବିଭାଗ ତରଫରୁ "ଓଡିଆ କୋଇଲି ସାହିତ୍ୟ" ଶିର୍ଷକ ଆଲୋଚନା ଚକ୍ର ବିଭାଗୀୟ ମୁଖ୍ୟ ପ୍ରାଧାପକ ଡକ୍ଟର ନୀଳମଣି ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଓଡିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧାପକ ଶ୍ରୀଯୁକ୍ତ ଅଶୋକ କୁମାର ଦାଶ ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇ ଓଡିଆ କୋଇଲି ସାହିତ୍ୟାର ସୃଷ୍ଟି ଓ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ବରିଷ୍ଠ ପ୍ରାଧାପିକା ଡକ୍ଟର ପ୍ରେମଲତା ରାଉତ, ପ୍ରାଧାପକ ପ୍ରମୋଦ କୁମାର ସାଇଁ ପ୍ରମୁଖ ଆଲାଚନାରେ ଅଂଶ ଗ୍ରହଣ କରିଥିଲେ । ଅଧାପିକା ଲକ୍ଷ୍ମୀପ୍ରିୟା ପାତ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ପ୍ରସ୍ତୁତ କରିଥିବା ଭିତ୍ତି ପ୍ରବନ୍ଧ ପାଠ କରିଥିଲେ ।

ବିଭାଗୀୟ ମୁଖ୍ୟ
୧୦-୧୧-୨୦୧୭

# "ଓଡ଼ିଆ କୋଇଲି ସାହିତ୍ୟ"

* ଅଧ୍ୟାପକ ଅଶୋକ କୁମାର ଦାଶ

ସାହିତ୍ୟ ରାଜ୍ୟର ବିସ୍ତୃତ ଅପରିସୀମ । ତା'ର ସୀମା ସରହଦ ସ୍ଥିର କରିବା ଏକାନ୍ତ ଅସମ୍ଭବ ବ୍ୟାପାର । ଏହି ସାହିତ୍ୟ ପୁଣି ପ୍ରାଚୀନ ଚର୍ଯ୍ୟାଗୀତି ପୁରାଣ ମଧ୍ୟଯୁଗୀୟ କାବ୍ୟ ଓ ଆଧୁନିକ ଯୁଗର, ନାଟକ, ଉପନ୍ୟାସ, ପ୍ରବନ୍ଧ, କ୍ଷୁଦ୍ରଗଳ୍ପ, ଗଦ୍ୟଛନ୍ଦର କବିତା ତଥା ଗୀତିକବିତା ଆଦି ନାନା ବିଭାବର ସପ୍ତରଙ୍ଗୀ ମୟୂଖରେ ଚିର ଉଭାସିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି । ପ୍ରାଚୀନ ସାହିତ୍ୟର ସୁବିଶାଳ ବକ୍ଷ ମଧ୍ୟରେ କିୟଦଂଶ ଆବୋରି ବସିଛି ଆଲୋଚ୍ୟ 'କୋଇଲି ସାହିତ୍ୟ' ପ୍ରାୟତଃ ଚଉତିଶା ରୀତିରେ ଲିଖିତ ଏକ ସୁଲଳିତ ଛନ୍ଦ, ତଥା ହୃଦୟସ୍ପର୍ଶୀ ଭାବାବେଗଭରା ସରସ, ସୁନ୍ଦର, ସୁଗମ୍ୟ ଓ ମଧୁମୟ ବିଭାବ ହୋଇଥିଲେ ହେଁ ବିଂଶ ଶତାବ୍ଦୀର ଆଦ୍ୟାପାଦର କବି ଜଗତ୍‌ଗୁରୁ ଠାକୁର ଅଭିରାମ ପରମହଂସଙ୍କ ଲେଖନୀ ନିଃସୃତ 'କୋଇଲି ଶିକ୍ଷା' ଗ୍ରନ୍ଥଟି ତା'ର ଯେ ଏକ ବିଚିତ୍ର ବ୍ୟତିକ୍ରମ ତାହା ଆଲୋଚନାର ପରିସରଭୁକ୍ତ କରାଯାଇଅଛି ।

ଆଲୋଚ୍ୟ କୋଇଲି ସାହିତ୍ୟକୁ ସମାଲୋଚକମାନେ "ଓଡ଼ିଆ ଦୂତକାବ୍ୟ'' ର ଆଖ୍ୟା ପ୍ରଦାନ କରିଅଛନ୍ତି । ପୁନଶ୍ଚ ଉକ୍ତ 'ଦୂତକାବ୍ୟ' ପୁଣି ସଂସ୍କୃତ ଦୂତକାବ୍ୟର ପ୍ରଭାବରେ ପ୍ରଭାବିତ । ସଂସ୍କୃତ ସାହିତ୍ୟର ଜନକ ମହାକବି କାଳିଦାସ ଖ୍ରୀଷ୍ଟୀୟ ୧ମରୁ ୪ର୍ଥ ଶତାବ୍ଦୀ ମଧ୍ୟରେ 'ମେଘଦୂତ' ନାମକ ଏକ ଖଣ୍ଡକାବ୍ୟ ରଚନା କରିଥିଲେ ବୋଲି ବିଜ୍ଞ ସମାଲୋଚକମାନେ ମତ ଦିଅନ୍ତି । ଏହାପରେ ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ 'ଜମ୍ବୁ' ନାମକ ଜନୈକ କବିଙ୍କ କଲମରୁ ଜନ୍ମ ନେଇଥିଲା 'ଚନ୍ଦ୍ରଦୂତ' ଶୀର୍ଷକ ଖଣ୍ଡିଏ ଦୂତକାବ୍ୟ । ପରବର୍ତ୍ତୀ ସମୟରେ ଦ୍ୱାଦଶ ଶତାବ୍ଦୀର ଧୋଇ କବି 'ପବନଦୂତ' ନାମଧେୟ ଖଣ୍ଡକାବ୍ୟ ରଚନା କରି ଚିରସ୍ମରଣୀୟ ହୋଇପାରିଛନ୍ତି । ଧୋୟୀ କବିଙ୍କ ପରେ ଯେଉଁ କେତେଜଣ କବି 'ଦୂତିକାବ୍ୟ' ରଚନାରେ ମନୋନିବେଶ କରିଥିଲେ, ସେମାନେ ହେଲେ, ଷୋଡ଼ଶ ଶତାବ୍ଦୀର କବି ରୂପଗୋସ୍ୱାମୀ 'ହଂସଦୂତ' ସପ୍ତଦଶ ଶତାବ୍ଦୀର କବି ବାଦୀଚନ୍ଦ୍ର ସୁରୀଙ୍କ 'ପବନଦୂତ', ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧର କବି ଶ୍ରୀକୃଷ୍ଣ ସାର୍ବଭୌମଙ୍କ 'ପଦାଙ୍କ ଦୂତ' ଓ ଦ୍ୱିତୀୟାର୍ଦ୍ଧର କବି ବ୍ରଜନାଥଙ୍କ 'ମନୋଦୂତ' ଓ ଏତଦ୍‌ଭିନ୍ନ କୃଷ୍ଣ ଶ୍ରୀଚନ୍ଦନଙ୍କ ଲେଖନୀରୁ 'ଅବଦ୍ ଦୂତ' ଦୂତକାବ୍ୟ ଜନ୍ମ ନେଇଥିବାର ସମାଲୋଚକମାନେ ମତବ୍ୟକ୍ତ କରନ୍ତି ।

ଓଡ଼ିଆ କୋଇଲି ସାହିତ୍ୟର ଆଦିପିତା ରୂପେ 'କେଶବ କୋଇଲି' ର ରଚୟିତା ୪ ମାର୍କଣ୍ଡ ଦାସଙ୍କୁ ସମ୍ମାନ ଦିଆଯାଇଥାଏ । ମାର୍କଣ୍ଡ ଦାସ ଥିଲେ ଶାରଳା ଦାସଙ୍କ ସମସାମୟିକ କିମ୍ବା କିୟଦ୍ ପରବର୍ତ୍ତୀ ସମୟର କବି ତଥା 'ଭାଷା ବିଜ୍ଞାନୀ', ତାଙ୍କ ରଚିତ 'ମହାଭାସ୍ୟ' ଓ 'ଦଶଗ୍ରୀବ ବଧ' ମହାକାବ୍ୟ ଓ 'ପ୍ରାକୃତ ସର୍ବସ୍ୱ' ପ୍ରଭୃତି ଅମୂଲ୍ୟ ଗ୍ରନ୍ଥ ରାଜିରୁ ତାଙ୍କ ବିଦଗ୍ଧ ବୁଦ୍ଧିମତ୍ତାର ପରିଚୟ ମିଳେ ।

ଆଲୋଚ୍ୟ ପ୍ରବନ୍ଧରେ ଯେଉଁ କୋଇଲି ଗୁଡ଼ିକ ସ୍ଥାନ ପାଇଛି, ସେଗୁଡ଼ିକ ଓଡ଼ିଶା ସାଂସ୍କୃତିକ ବ୍ୟାପାର ବିଭାଗ ଆନୁକୁଲ୍ୟରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗର ସଂରକ୍ଷକ ଶ୍ରୀ ନୀଳମଣି ମିଶ୍ର ମହାଶୟଙ୍କ ଦ୍ୱାରା ସଂକଳିତ "ଓଡ଼ିଆ କୋଇଲି ସାହିତ୍ୟ'' ସଂକଳନ ଅନ୍ତର୍ଗତ ଓ ଜଗତ୍‌ଗୁରୁ ଠାକୁର ସତ୍ୟନାରାୟଣ ସ୍ୱାମୀ ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ବିରଚିତ 'ସନାତନ ଧର୍ମାର୍ଥ ଗୀତା' ବା କୋଇଲି ଶିକ୍ଷାରେ ସ୍ଥାନୀତ କୋଇଲି ସମୂହ ।

'ଓଡ଼ିଆ କୋଇଲି ସାହିତ୍ୟ'ରେ ସନ୍ନିବେଶିତ କୋଇଲି ଗୁଡ଼ିକରେ ମାଆର ମମତା କେଶବ କୋଇଲି (ମାର୍କଣ୍ଡ ଦାସ) ବଳରାମ ଦାସଙ୍କ ଶ୍ରୀରାମ କୋଇଲି, ଅଜ୍ଞାତ କବିଙ୍କ ବାରମାସୀ କୋଇଲି, କବି କାଶି ବସନ୍ତିଆଙ୍କ 'ବନବାସ କୋଇଲି' ଚଇତନ ଦାସଙ୍କ 'କୋଇଲି' ରାମକୃଷ୍ଣଙ୍କ 'ଯଶୋଦା କୋଇଲି' ତଥା ବିପ୍ର ଭାଗୀରଥିଙ୍କ 'ବାତ୍ସଲ୍ୟ କୋଇଲି' ଆଦିରେ ଦେଖିବାକୁ ମିଳେ ।

ଏତଦ୍‌ଭିନ୍ନ ଆଲୋଚ୍ୟ କୋଇଲି ସାହିତ୍ୟର 'କୋଇଲି ଗୁଡ଼ିକରେ ରାଜଭକ୍ତ ପ୍ରଜାର ଅର୍ନ୍ତଦହନ' ହଠଯୋଗୀ ମାନଙ୍କର ଜଟିଳ ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱ, କବି ଦ୍ୱିଜ ଜଗନ୍ନାଥଙ୍କ ବାଇମନ କୋଇଲି, କବି ତ୍ରିଲୋଚନ ଦାସଙ୍କ 'ଦୟାସାଗର କୋଇଲି' କବି ଲୋକନାଥଙ୍କ 'ଜ୍ଞାନୋଦୟ କୋଇଲି' କବି ବଇରାଗୀ ଦାସଙ୍କ 'ଶିଶୁବେଦ କୋଇଲି' ଆଦିରେ ସ୍ୱଷ୍ଟ ପ୍ରତୀୟମାନ ହୁଏ ।

ଏତଦ୍‌ଭିନ୍ନ ବିରହିଣୀ ନାୟିକାର ବାରମାସର ଜୀବନ ଚିତ୍ର ଅଜ୍ଞାତ ନାମା କବିଙ୍କ 'ବାରମାସୀ କୋଇଲି'ରେ ନବ ପରିଣତା ସଂସାର ଅନଭିଜ୍ଞା କୁମାରୀ ବଧୂର ସ୍ୱଶୁରାଳୟର ଗଞ୍ଜଣା, ଅଜ୍ଞାତ କବିଙ୍କ 'କୋଇଲି ଦୂତ' ରେ ପରିଦୃଷ୍ଟ ହେବା ସଂଗେ ସଂଗେ କବି ଜଗତେଶ୍ୱର ଭଞ୍ଜଙ୍କ ମନ୍ଦୋଦରୀ କୋଇଲିରେ ପାଟମହାଦେଈ ମନ୍ଦୋଦରୀ ପ୍ରବଳ ପ୍ରତାପି ଲଙ୍କେଶ୍ୱରଙ୍କୁ, ସୀତା ଦେବୀଙ୍କୁ ଶ୍ରୀରାମଙ୍କୁ ଫେରାଇ ଦେବାକୁ ଅନୁରୋଧ କଳିଯୁଗର ଧର୍ମ ଆଦିର ମଞ୍ଜୁଳ ବର୍ଣ୍ଣନାରେ କୋଇଲି ସାହିତ୍ୟ ପରିପୁଷ୍ଟ । ଅପରପକ୍ଷରେ ସନ୍ଥକବି ଅଭିରାମ ପରମହଂସ ଦେବଙ୍କ କୋଇଲି ଗୁଡ଼ିକ କିପରି ନିଜ ନିଜ ଗୁଣ ମର୍ଯ୍ୟାଦାରେ ସ୍ୱୟଂ ସଂପୂର୍ଣ୍ଣ ତାହା ଆଲୋଚନାରୁ ଜଣାପଡ଼େ ।

'ଦୂତ କାବ୍ୟ କୋଇଲି' ସମାଲୋଚକମାନେ 'କୋଇଲି ସାହିତ୍ୟ' କୁ ଦୂତକାବ୍ୟର ସମ୍ମାନ ଦେଇଥିବାରୁ ଆଲୋଚ୍ୟ କୋଇଲି ଦୂତ କାବ୍ୟ କାହିଁକି ? ଏ ସଂପର୍କରେ ସାମାନ୍ୟ ଆଲୋକପାତ କରି ଆଲୋଚନାକୁ ସୁଗମ କରିପାରିବାକୁ ସମୀଚୀନ ମନେ କରୁଅଛି ।

ଏଠାରେ ପ୍ରଶ୍ନ ଉଠିପାରେ, ହଂସ, ପାରା, ମୟୂର, ଶାରୀ, କପୋତ ଆଦି ସୁନ୍ଦର ପକ୍ଷୀମାନଙ୍କୁ ଦୂତ ରୂପେ ଗ୍ରହଣ ନକରି, କବିଗଣ କୋଇଲିକୁ ଦୂତ ରୂପେ ଗ୍ରହଣ କଲେ କାହିଁକି ? କୃଷ୍ଣଙ୍କ ରୂପ କଳା ଓ କୋଇଲି ମଧ କଳା ଏଣୁ କୃଷ୍ଣଙ୍କ ରୂପ ସହିତ କୋଇଲି ରୂପର ସାମଞ୍ଜସ୍ୟ ଥିବାରୁ ମାତା ଯଶୋଦା ହୁଏତ କୋଇଲିକୁ ଦେଖି କୃଷ୍ଣ କଥା ମନେ ପକାଇଥିବାର କଥା ମିଶ୍ର ମହାଶୟ ସଂକଳନର ମୁଖବନ୍ଧରେ ପ୍ରକାଶ କରିଅଛନ୍ତି ।

ଏଥିସହିତ ଆହୁରି ମଧ କୁହାଯାଇପାରେ ଯେ ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱନ ସହିତ କୋଇଲିର କୁହୁସ୍ୱରର ସାମଞ୍ଜସ୍ୟ ରହିଛି । ପୁନଶ୍ଚ କୋକିଳର ଅନ୍ୟନାମ ବନପ୍ରିୟ । ବସନ୍ତର ଆଗମନରେ ସବୁଜ ସୁଷମାଭରା ଘନ ଅରଣ୍ୟାନୀରେ ରସାଳ ଶାଖାରେ ପଞ୍ଚମ ତାନରେ ରାଗେଣୀ ତୋଳେ କୋଇଲି । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ନନ୍ଦସୁତ କଳାକହ୍ନେଇ ଶ୍ରୀକୃଷ୍ଣ ମଧ ଗୋପପୁରସ୍ଥ ଯମୁନା ପୁଳିନରେ ସଖାଗହଣରେ ଗୋବତ୍ସ ଚାରଣ ସମୟରେ ବେଣୁ ବାଦନ କରିଥାନ୍ତି । ତେଣୁ ହୁଏତ ଯଶୋଦା, କୋଇଲିକୁ ଦେଖି ବିଳପି ଉଠିଥିବା ପରି ମନେହୁଏ । କିନ୍ତୁ ସନ୍ଥକବି, ଭୂତ ବର୍ତ୍ତମାନ ୯ ଭବିଷ୍ୟତ ଦ୍ରଷ୍ଟା ଜାତସ୍ମର ସ୍ୱାଧୀନତାସଂଗ୍ରାମୀ କବି ଠାକୁର ଅଭିରାମ ପରମହଂସ ଦେବଙ୍କ କୋଇଲି ଶିକ୍ଷା ତା'ର ଏକ ବିରାଟ ତଥା ବିଚିତ୍ର ବ୍ୟତିକ୍ରମ କହିଲେ ଅତ୍ୟୁକ୍ତି ହେବନାହିଁ । କବି 'କୋଇଲି ଶିକ୍ଷା' ଗ୍ରନ୍ଥର 'ପ୍ରଥମ କୋଇଲି' ଶାନ୍ତି ଭାବରେ ଲେଖିଛନ୍ତି ।

କୁଉ କୁଉ ହୋଇ କୋଇଲି ରାବୁ ଅଛୁ କିମ୍ପାଇ ।
କାହୁଁ ଆସି କାହିଁ ରହିଲୁ ତାହା ଜାଣୁକି ନାହିଁ ।୧।
କାକ ଗୃହରେ ତୁ ରହିଣ କାକ ରବ ନଦେଲୁ
ଗୋତ୍ର ସୁମରି ଉଡ଼ିଆସି ଜନନୀକୁ ଭେଟିଲୁ ।୫।
ଏଣୁତୁ ବଡ଼ ବୁଦ୍ଧିମାନ ଯାଅ ମୋ ଆଜ୍ଞା ନେଇ
ଜଗତ ସନ୍ତାନଙ୍କୁ ମୋର କହିବୁ ତୁ ବୁଝାଇ ।୬।
ଦୁର୍ଲଭ ମନୁଷ୍ୟ ଶରୀର ବହି ଅଜ୍ଞାନ ନୁହ
ଜୀବ ଅଜ୍ଞାନରେ ଥିବାରୁ ଅଛଇ ସବୁ ଭୟ ।୭।

ଏଠାରେ ଠାକୁର ପରମହଂସ ଦେବ ନିଜେ ଜଗତ ଜନଙ୍କର ପିତା ମାତା ସଖା ସହୋଦର ସବୁକିଛି ହୋଇଯାଇଛନ୍ତି । କୋଇଲିକୁ ବସନ୍ତ ଋତୁ ପରେ କୁହୁ କୁହୁ ସୁଲଳିତ ସ୍ୱନ ସ୍ଥାୟୀ ହୋଇ ରହୁନଥିବାରୁ ତାକୁ ବର୍ଷକ ବାରମାସ ଶାନ୍ତି ଖୋଜି ପାଉନଥିବା କଥା କହି ପୁଣି ଗୋତ୍ର ସୁମରି ଉଡ଼ି ଆସି ନିଜ ଜନନୀଙ୍କୁ ଭେଟିପାରିବା କଥାରେ ତାକୁ ଚତୁର ବୋଲି ଆଖ୍ୟା ଦେଇ କୁହୁ ସ୍ୱରରେ ଶ୍ରୀକୃଷ୍ଣ ନାରାୟଣ ରୂପୀ ଠାକୁରଙ୍କ ବାଣୀକୁ ଜଗତବାସୀଙ୍କ କର୍ଣ୍ଣରେ, ଶୁଣାଇବା ସଙ୍ଗେ ସଙ୍ଗେ ସେମାନଙ୍କୁ ଦୁର୍ଲ୍ଲଭ ମାନବ ଜନ୍ମ ପାଇ ମଧ ଅଜ୍ଞାନ ଅନ୍ଧକାର ରୂପକ ମାୟା ମୋହ ଜଞ୍ଜାଳଭରା ସଂସାର ବନ୍ଧନରେ ପଡ଼ି ବିଶ୍ୱପିତାଙ୍କୁ ଭୁଲିଗଲେ ଯେ ଜୀବନର ଶାନ୍ତି ସୁଖ ବୁଦ୍‌ବୁଦ୍ ପ୍ରାୟେ ଉଭେଇଯିବ ଚେତାଇ ଦେଇଛନ୍ତି । ପୁନଶ୍ଚ ଠାକୁରଙ୍କ ବାଣୀରେ ବିଶ୍ୱ ଭ୍ରାତୃତ୍ୱଭାବ Universal Brotherhood ସ୍ୱଷ୍ଟ ପରିଲକ୍ଷିତ ହୋଇଛି । ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି, 'God is omnipresent' ଈଶ୍ୱର କୀଟରୁ ବ୍ରହ୍ମ ପର୍ଯ୍ୟନ୍ତ ସର୍ବତ୍ର ବିଦ୍ୟମାନ ।

ବ୍ରହ୍ମଯେଣୁ ସର୍ବ ଠାବରେ ସମଦର୍ଶୀ ଜାଣଇ
ନାରାୟଣ ଆଲ୍ଲା ଖ୍ରୀଷ୍ଟଙ୍କୁ ଭିନ୍ନ ନକର କେହି ।୨୧।
ପାନି, ପାଣି, ଜଳ ତିନିକି ନକର କେହି ଭିନ୍ନମରା
ମରି କିଂପା ନାମରେ ଏଥି କି ପ୍ରୟୋଜନ ।୨୨।

ସେତ ନିଜେ ନାରାୟଣ, କେତେ ମହତ ଉଦାର ପ୍ରାଣସ୍ପର୍ଶୀ ଠାକୁରଙ୍କ ଲିଖିତ ବାଣୀ ସବୁରେ । ରାଗ, ହିଂସା, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଏହି ରିପୁମାନଙ୍କୁ ବଶ କରିପାରିଲେ ଏ ସଂସାରର କଳିହତ ମାନବ ଯେ ଶାନ୍ତି ପାଇବ ଏହା

ଅନସ୍ୱୀକାର୍ଯ୍ୟ । ବର୍ଣ୍ଣବୈଷମ୍ୟ ଦୂରୀକରଣରେ ଠାକୁରଙ୍କ ବାଣୀ ଏକାନ୍ତ ଅପରିହାର୍ଯ୍ୟ ମନେହୁଏ । ଉଚ୍ଚ ନୀଚ, ଛୁଆଁଅଛୁଆଁ ବୁଝିଲେ କିଛି ନାହିଁ । ଆମେ ସମସ୍ତେ ଜଗତବାସୀ, ସେହି ପରମ କାରୁଣିକ ପରମପିତାଙ୍କ ପ୍ରିୟ ସନ୍ତାନ । ଧର୍ମ ଆମର ମାନବ ଧର୍ମ ।

ସ୍ପର୍ଶ ଅସ୍ପର୍ଶ ବୋଲିକରି, କଳି ଲାଗେ କିମ୍ପାଇ
ହିଂସା ଅସତ୍ୟେ ଯେ ମଜ୍ଜଇ ତାକୁ ଅସ୍ପର୍ଶ କହି ।୨୩।
ଅହିଂସା ସତ୍ୟରେ ଯେ ଥାଇ ତାହାକୁ ବୋଲି ସ୍ପର୍ଶ
ଉଡ଼ିଯାଇ କଳା କୋଇଲି ଦିଅ ତୁ ଉପଦେଶ ।୨୪।

The presence of all colour is black ସବୁରଙ୍ଗର ସମାହାର ଯେପରି କଳା, ଠାକୁର ଶ୍ରୀ ଅଭିରାମ ପରମହଂସ ସେହିପରି ସବୁଧର୍ମ ସବୁ ବର୍ଣ୍ଣର ବ୍ୟକ୍ତିଙ୍କୁ ଆପଣେଇ ନେଇଛନ୍ତି ତାଙ୍କ ଜୀବଦ୍ଦଶାରେ । ତେଣୁ ମୋ ମତରେ ଠାକୁର ସ୍ୱୟଂ ନିଜକୁ କଳା କୋଇଲି ମଧ୍ୟରେ ପ୍ରବେଶ କରାଇ କୁହୁତାନ ରୂପକ ସ୍ୱରରେ ଜଗତବାସୀଙ୍କ ମନ ଓ ମନନ ଚିନ୍ତା ଓ ଚେତନାକୁ ସତ୍ୟ, ଶାନ୍ତି, ଦୟା, କ୍ଷମା ରୂପକ ସାଗରରେ ଅବଗାହନ ପୂର୍ବକ ଭଗବତ୍ ଚେତନାରେ ଉଦ୍‌ବୁଦ୍ଧ ହେବାକୁ ସୁଉପଦେଶ ଦେଇଛନ୍ତି ତାଙ୍କ କୋଇଲି ଗୁଡ଼ିକ ମାଧ୍ୟମରେ ।

"କୋଇଲିର ଅଭିରାମର କିଛି ଭିନ୍ନ ନୁହଇ
କୃପାକର ଭକତ ପ୍ରିୟ ତୁମ୍ଭ ଅଧୀନ ମୁହିଁ"
ତ୍ରୟୋଦଶ କୋଇଲି (୪୧)

ଭାଗବତରେ ଅଛି –
'କୋମଳ ବିନୟ ବଚନ
କହି ତୋଷିବ ପ୍ରାଣୀ ମନ'
ଠାକୁର ସେପରି ଲେଖିଛନ୍ତି,
"କୋମଳ ବିନୟ ବଚନ କହି ପ୍ରାଣୀଙ୍କୁ ତୋଷ
ସକଳ ପ୍ରାଣୀଙ୍କ ହୃଦରେ ଅଛନ୍ତି ହୃଷିକେଶ"
'କାଷ୍ଠ ପାଷାଣ ତରୁ ତୃଣେ ବସନ୍ତି ଅଣୁ ପରମାଣେ'
ଗୀତାରେ ଶ୍ରୀକୃଷ୍ଣ ପାର୍ଥଙ୍କୁ ବୁଝାଇଛନ୍ତି –
"ଗୃହରେ ରହିଣ ପ୍ରାର୍ଥ ବିହିତ କର୍ମ କରି
ଏ କର୍ମ ଗୋଟିକୁ ପ୍ରାର୍ଥ କେହିନୁହେଁ ସରି"
ଠାକୁରଙ୍କ ଭାଷାରେ –
"ମନ ପ୍ରାଣ ଯେଣୁ ଅର୍ପଣ ମଳି ଲାଗିବନାହିଁ ।"୨୪।
× × × ×
ସର୍ବକାର୍ଯ୍ୟ ସମ୍ଭାଳି କର ଗୋବିନ୍ଦଙ୍କୁ ନଭୁଲି
ପ୍ରଭୁଙ୍କର ଆଜ୍ଞା ପ୍ରମାଣେ ଏହି ଶିକ୍ଷା ମୁଁ ଦେଲି ।୨୫।

ଠାକୁର ପୁନଶ୍ଚ ଚୂଡ଼ାକୁଟା ସମୟରେ କେଉଟୁଣୀଙ୍କୁ ଦେଖି ତା'ଠାରୁ ପ୍ରଭୁଙ୍କୁ ଚିନ୍ତନ ଓ ତାଙ୍କ ପଦପଙ୍କଜରେ ତନୁ ମନ ସମର୍ପଣ କରିବାକୁ ଶିକ୍ଷା ଦେଇଛନ୍ତି,

ଚୂଡ଼ା କୁଟିବାର ବେଳରେ କେଉଟୁଣୀକୁ ଦେଖ
ସ୍ତନପାନ ଦେଉଅଛଇ କୋଳେ ଧରି ବାଳକ ।୨୬।
ଏଣେ ଚୂଡ଼ାକୁ ପାଛୁଡିଣ ଗ୍ରାହକଙ୍କୁ ଦିଅଇ
ଚୁଲିଜାଳି ଚୂଡ଼ା ଖରଡ଼ି ପାଗକୁ ଦେଖୁଥାଇ ।୨୭।
ଏଣେ ଢିଙ୍କି ପାହାରକୁ ଯେ ହୁଅଇ ସାବଧାନ୍
ଏତେ କାର୍ଯ୍ୟ କରଇ ଜଣେ ଏଣେ ଶ୍ରୀହରି ଧ୍ୟାନ ।୨୮।

ଠାକୁରଙ୍କ ତୃତୀୟ କୋଇଲିରେ ସ୍ପର୍ଶ ଅସ୍ପର୍ଶ ମୀମାଂସା, ଖୁବ୍ ସୁନ୍ଦର ଭାବଗର୍ଭକ ଭାବେ ପ୍ରତିପାଦିତ ହୋଇଅଛି । ମନ, ଅମନ, ବିମନ, କୁମନ ଓ ସୁମନ ଏହି ପାଞ୍ଚ ମନ ଓ ପଚିଶ ପ୍ରକୃତି ଷଡ଼ରିପୁ ମନୁଷ୍ୟଙ୍କୁ ନିତ୍ୟ ନିରନ୍ତର କୁପଥଗାମୀ କରୁଛନ୍ତି । ତେଣୁ ଠାକୁରେ ଏହି ଦୁଷ୍ଟ ଦୁରାଚାର ରୂପୀ ଇନ୍ଦ୍ରିୟଗଣଙ୍କୁ ଦମନ କରି ସଦାଚାରୀ ହେବାକୁ ଉପଦେଶ ଦେଇଛନ୍ତି । ତା' ହେଲେ ଶାନ୍ତିରୂପକ ରାମରାଜ୍ୟରେ ନିଜ ହୃଦ ସିଂହାସନରେ ହୃଦୟ ବିହାରୀ ବିରାଜମାନ ହେବେ ।

ରାମରାଜ୍ୟ ହେବ ହୃଦୟ କୋଇଲି କହିଗଲା
ଅଭିରାମ ବାଇ ଭାଷଇ ଆସି ନିଶାନ୍ତ ହେଲା ।

ଠାକୁରଙ୍କ ଲିଖିତ ୧୬ଶଟି କୋଇଲିରେ ସଂପୂର୍ଣ୍ଣ ଆଲୋଚନା କରିବାର ଇଚ୍ଛା ଓ ଆଗ୍ରହ ଥିଲେ ମଧ୍ୟ ଲେଖାର କଳେବର ବୃଦ୍ଧି ହେବା ଲକ୍ଷ୍ୟକରି ସବୁ କୋଇଲିର ସମ୍ୟକ ସୂଚନା ଦିଆଯାଇଛି ମାତ୍ର । ଚତୁର୍ଥ କୋଇଲିରେ ସନାତନ ଧର୍ମ, ପଞ୍ଚମ କୋଇଲିରେ ଚାରିସଂପ୍ରଦା ମୀମାଂସା, ଷଷ୍ଠ କୋଇଲିରେ ଗୁରୁଶିଷ୍ୟ ଭାବ, ସପ୍ତମ କୋଇଲି – ନାମ ସଂକୀର୍ତ୍ତନ ଭାବ, ଅଷ୍ଟମ କୋଇଲିରେ କଳି ଓ ସତ୍ୟର ଭାବ, ନବମ କୋଇଲି କଂଗ୍ରେସ ପ୍ରତି ଶିକ୍ଷା, ଦଶମ କୋଇଲିରେ ସାକାର ନିରାକାର ପୂଜା, ଏକାଦଶ କୋଇଲିରେ ଭକ୍ତ ଓ ଭଗବାନ ଭାବ, ଦ୍ୱାଦଶ କୋଇଲି – ବିବେକୀ ଧର୍ମ, ତ୍ରୟୋଦଶ କୋଇଲିରେ କାକ କୋଇଲି ଭାବ, ଚତୁର୍ଦ୍ଦଶ କୋଇଲିରେ ସଗୁଣ ନିର୍ଗୁଣ ମୀମାଂସା, ପଞ୍ଚଦଶ କୋଇଲିରେ ସହଜସୂତ୍ର ଓ ଷୋଡ଼ଶ କୋଇଲିରେ ମହିମା ଭାବ, ଏହିପରି କ୍ରମରେ ସନ୍ନିବେଶିତ ହୋଇ ଭକ୍ତ ମନରେ ଭଗବାନଙ୍କୁ ଭଲପାଇବା ଓ ନିଜ ଜୀବନର ପ୍ରତ୍ୟେକ ସମୟରେ ପ୍ରତ୍ୟେକ କର୍ମରେ ଶ୍ରୀଗୁରୁରୂପୀ ନାରାୟଣ ଭଗବାନଙ୍କ ଶ୍ରୀମୁଖ ନିଃସୃତ ବାଣୀକୁ ଅକ୍ଷରେ ଅକ୍ଷରେ ପାଳନ କଲେ ଯେ ମାନବ ଜନ୍ମ ସାର୍ଥକ ହେବାସହ ସେ ଅନ୍ତିମକାଳରେ ବୈକୁଣ୍ଠଧାମରେ ଶ୍ରୀ ନାରାୟଣଙ୍କ ଚରଣ ପଙ୍କଜରେ ଶରଣ ନେବା ନିମିତ୍ତ ସ୍ଥାନ ପାଇବ,

ଚୋରାଇ ଆଣିଲୁ ତା'ର ଯୁବତି
ଚାହୁଁ ଚାହୁଁ ଯିବ ଯେଡ଼େ ସଂପତ୍ତି ଯେ
ଚରଣ ଧରି କହୁଛି ଯେ,

ବାଇମନ କୋଇଲିରେ କବି ଦ୍ୱିଜ ଜଗନ୍ନାଥ ଲେଖିଛନ୍ତି -

କେତେଦିନ ଥିବ ଆଣ୍ଟଛୁଟିବ ଘଟଲୋ କୋଇଲି ।୧।

ଅନୁରୂପଭାବେ ଭକ୍ତଚରଣଙ୍କ ମନବୋଧ ଚଉତିଶାରେ ଅଛି

କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ
କି ଘେନି ଯିବୁ ତୋର ଛୁଟିଲେ ଘଟ ।

କିନ୍ତୁ ଠାକୁର, ଅଭିରାମ ପରମହଂସ ଦେବଙ୍କ କୋଇଲି ଗୁଡ଼ିକ କୌଣସି ପୁରାତନ କବିଙ୍କ ଛାୟାରେ ଲିଖିତ ନହୋଇ ଠାକୁରଙ୍କ ନିଜସ୍ୱ ଶୈଳୀରେ ଲେଖନୀର ଅପରୂପଛଟା ଓ ଅଭିନବ ରୂପବୈଭବରେ ସ୍ୱୟଂ ସଂପୂର୍ଣ୍ଣ ହୋଇ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଦାବି କରେ । ଠାକୁରେ ସଂଚାରିଣୀ ଦୀପଶିଖା ତୁଲ୍ୟ ନିଜେ ଜଳି କଳିହତ କୁପଥଗାମୀ ମାନବ ସମାଜକୁ ଅନ୍ଧକାରପୂର୍ଣ୍ଣ ଅଜ୍ଞାନ ପଥରୁ ଆଲୋକମୟ ସୁପଥକୁ ଆଣିବାକୁ ପ୍ରୟାସ ଜାରି ରଖିଛନ୍ତି । ତାହାର କେତୋଟି ଉଦାହରଣ ଦେବାକୁ ସମୀଚୀନ ମନେ କରୁଛି । ଏଠାରେ ଭକ୍ତିପ୍ରିୟ ଭଗବାନଙ୍କୁ ଦାସ ଦୋଷ ନଧରିବାକୁ ପ୍ରାର୍ଥନା ।

କୋଇଲିଲୋ ଦୋଷୀ ଯଦି ହେବ ତା ଭକତ
ଦତ୍ତାପହାରୀ କି ପାଇଁ ନୋହିବେ ମୋ ନାଥ ଲୋ ।୧୮।

ପୁନଶ୍ଚ ରାଧାଭାବରେ ଗାଇ ଉଠିଛନ୍ତି

କୋଇଲି ଲୋ, ପରମପୁରୁଷ ମୁଁ ତା ଜୀବ

ପତିହୋଇ ପତ୍ନୀକି ସେ କିଂପା ପାଶୋରିବ ଲୋ ।୨୧।

ଠାକୁର ଚତୁର୍ଥ ଅନନ୍ତ କୋଇଲିରେ ଲେଖିଛନ୍ତି ଆପେ ବୁଝିଲେ ତୁଟେ ଭ୍ରାନ୍ତି ନ୍ୟାୟରେ

କୋଇଲିଲୋ ବଣକାଟ ଜ୍ଞାନ ଖଡ଼ଗ ଧରି
ବସିଣ କଳି ଛିଣ୍ଡାଅ ଗ୍ରାମେ ଗ୍ରାମେ ମିଳି ଲୋ ।

ଲୋକ ଦେଖାଣିଆ ମାଳା ତିଳକ ଉପରେ ଟିପ୍ପଣୀ ଦେଇଛନ୍ତି ଠାକୁରେ ।

କୋଇଲିଲୋ ଟପଟପ ମାଳି ଗଡୁଅଛି
ଟିପ ଦରଜ ହେଲାଣି ନ ଦିଶଇ କିଛି ଲୋ ।୧୧।

ଶେଷରେ ଭକ୍ତ କିପରି ପ୍ରେମଭକ୍ତି ସୂତ୍ରରେ ତା'ର ଡାକ ନଶୁଣିଲେ ସେ ଶୁଣିଥିବା କଥା – ଭଗବାନଙ୍କୁ ବିଭିନ୍ନ ଦୋଷରେ ଦୋଷୀ ସାବ୍ୟସ୍ତ କରି ଭାରତୀୟ ପିଙ୍ଗଳ କୋର୍ଡ଼ର ଦଫା ଲଗାଇଛନ୍ତି ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ।

କୋଇଲିଲୋ ଢେଲା ମାଡ଼େ ଗୁଣିକଲେ ହରି
ତିନିଶ ଛବିଶ ଦଫା ହୋଇଥିଲା ଜାରି ଲୋ ।୧୪।
କୋଇଲି ଲୋ ଦଇତୁଣୀ ପୁତନା ମାଇଲେ
ତିନିଶ ଦୁଇ ଦଫାରେ
ରାଧାବନ୍ଦୀ କଲେ ଲୋ ।୧୮।

ଉକ୍ତ ପଦରେ ଠାକୁରେ କବିସୂର୍ଯ୍ୟ ବଳଦେବ ରଥଙ୍କ ସର୍ପଜଣାଣ ଠାରୁ ଆହୁରି କଠୋର ପଦ ସବୁ ଲେଖିଛନ୍ତି । ଏପରି କବି ସନ୍ଥ ଭକ୍ତ ଅଭିରାମ ପରମହଂସ ପରି ଅନ୍ୟ କେହି ହୋଇନଥିଲେ, ହୋଇ ନାହାନ୍ତି ଓ ହୋଇପାରିବେ ନାହିଁ ମଧ୍ୟ ।

ମୋର ଇହକାଳ ପରକାଳର ଦେବତା ମୋ ଅବସାଦଗ୍ରସ୍ତ କ୍ଳାନ୍ତ ସାୟାଂହ୍ନରେ ଆଶାର ଆଲୋକ ରେଖା ପରମାରାଧ୍ୟ ଗୁରୁଦେବ ଜଗଦ୍‌ଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଲେଖନୀ ନିଃସୃତ କୋଇଲି ଗୁଡ଼ିକ ହେଉଛନ୍ତି ଅଥଳ ବାରାନିଧି । ସେହି ସାଗର କୂଳରୁ କେତୋଟି ଉପଳ ସଂଗ୍ରହ କରିବାକୁ ଏ ଦୀନ ଅକିଞ୍ଚନ ଦାସାନୁଦାସ ପ୍ରୟାସ କରିଛି ମାତ୍ର ଠାକୁରଙ୍କ ରଚିତ ସାହିତ୍ୟ ସାଗରରେ ଦିଗହଜା ନାବିକଟିଏ ମୁଁ ।

ଅଶୋକ କୁମାର ଦାଶ
୧୦.୧୧.୨୦୧୩

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

### EXTRA MURAL SEMINAR Dt. 10.11.2017

### ATTENDANCE SHEET

| Sl.No | Name of the Reader/Lecturer | Signature |
|---|---|---|
| 1 | Dr.Nilamani Lenka | Nilamani Lenka |
| 2 | Smt Premalata Rout | Premalata Rout. |
| 3 | Sri Pramod Kumar Swain | Pramod Kumar Swain |
| 4 | Smt.Laxmipriya Patra | Laxmipriya Patra |
| 5 | Prof Ashok Ku Dash<br>Resource Person | Ashok Kumar Dash |

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

Dt-10-11-2017

### EXTRA MURAL SEMINAR

### ATTENDANCE SHEET

| SL.No | Roll Number | Signature of the Student |
|---|---|---|
| 1 | BA16-125 | Sarita panda |
| 2 | BA16-160 | Monsika senapati |
| 3 | BA16-40 | Goutam Behera |
| 4 | BA17-112 | Srinakar sethi |
| 5 | BA-17-184 | Priyanka sutar |
| 6 | BA17-131 | [illegible] |
| 7 | BA17-081 | Amisha Sahoo |
| 8 | BA17-069 | Sukanti sahoo |
| 9 | BA17-085 | Purnima nanda |
| 10 | BA16-155 | [illegible] |
| 11 | BA17-280 | Sushree bala Sahoo |
| 12 | BA17-090 | Mamata Dalai |
| 13 | BA-17-101 | Madhusmita Dube. |
| 14 | BA-17-073 | Asima mallik |
| 15 | BA-17-089 | Pragyansini Samal |
| 16 | BA-17-042 | Swagatika panda |
| 17 | | |

## PATTAMUNDAI COLLEGE , PATTAMUNDAI , KENDRAPARA

### DEPARTMENT OF ODIA

### EXTRA MURAL SEMINAR

### ATTENDANCE SHEET

| SL.No | Roll Number | Signature of the Student |
|---|---|---|
| 18 | BA17-027 | Prakash Kumar Behera |
| 19 | BA17 - 071 | Rajeswari Singh |
| 20 | BA-17-278 | Sasmita Parhi |
| 21 | BA-17-73 | Asima Mallik. |
| 22 | BA-17-089 | Pragyatasini Samal |
| 23 | BA-17-101 | Madhusmita Dube. |
| 24 | BA-17-134 | Jasmin Sethi |
| 25 | BA-17-150 | Rashmita Behera |
| 26 | BA-17-204 | Sandhya Sagarika Barik |
| 27 | BA-17-19 | Sini Mahalik |
| 28. | BA17-084 | Jyotismita Parida |
| 29. | BA17-073 | Asima Mallik. |
| 30. | BA17.086 | Nistarani Tarai |
| 31 | BA-17-023 | Lochan Behera. |
| 32 | BA-17-174 | Sangita Das |
| 33 | BA17-036 | Barsarani Sahoo |
| 34 | BA16-170 | Suryakanta Panda |

# PATTAMUNDAI COLLEGE , PATTAMUNDAI , KENDRAPARA

## DEPARTMENT OF ODIA

### EXTRA MURAL SEMINAR

### ATTENDANCE SHEET

| SL.No | Roll Number | Signature of the Student |
|---|---|---|
| 35 | BA16-053 | Sujata Das |
| 36 | BA16-073 | Rajasmita Giri |
| 37 | BA-16-081 | [illegible] |
| 38 | BA-16-83 | Seema Gahan |
| 39 | BA-16-090 | Chandrakanti Sethi |
| 40 | BA-16-97 | Menaka Malik |
| 41 | BA-16-109 | Janaki Sethy |
| 42 | BA-16-130 | Sasmita Biswal. |
| 43 | BA-16-143 | Srejata malein |
| 44 | BA-16 174 | [illegible] |
| 45 | BA-16 180 | M.D. Sabitarani |
| 46 | BA-16 183 | Siddhantha Behera |
| 47 | BA16 194 | Rajesh Barik |
| 48 | BA16 197 | Bijayalaxmi Sahoo |
| 49 | BA16 201 | Sasmita chowdhury |
| 50 | BA16 202 | Elina Sethi |
| 51 | BA16 203 | Sujata Parai |




ଆଲୋଚକ ଅଧାପକ ଅଶୋକ କୁମାର ଦାଶଙ୍କ ବକ୍ତବ୍ୟ




ମଞ୍ଚାସିନ ଆଲୋଚକ୍କ ଓ ବିଭାଗୀୟ ଅଧାପକ ଅଧାପିକା



ଛାତ୍ରଛାତ୍ରୀ ମାନଙ୍କ ଭିତ୍ତି ପ୍ରବନ୍ଧ ଉପସ୍ଥାପନ